PR No- 195/2025

OFFICE OF THE TAHASILDAR * BARIPADA *

# ତହସିଲଦାରଙ୍କ କାର୍ଯ୍ୟାଳୟ,ବାରିପଦା

## ଇସ୍ତାହାର ( ରେଭିନ୍ୟୁ ମିସ କେସ ନଂ- ୦୯/୨୦୨୫)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ,ନିମ୍ନ ତଫସିଲ ବର୍ଣ୍ଣିତ ଜମି **ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର ଙ୍କ ତରଫ କାର୍ଯ୍ୟନିର୍ବାହୀ ଅଧିକାରୀ, ବାରିପଦା ପୌରପାଳିକା ଙ୍କୁ କଲ୍ୟାଣ ମଣ୍ଡପ ନିର୍ମାଣ** ନିମନ୍ତେ ଏଲାଇନେସନ ସୁତ୍ରେ ହସ୍ତାନ୍ତର କରିବାର ପ୍ରସ୍ତାବ ହୋଇଅଛି । ଯେହେତୁ ଉକ୍ତ ଜମିର କିସମ- ଘରବାରି ଅଛି ତାର ପରିବର୍ତ୍ତନ ଆବଶ୍ୟକ ହେଉଅଛି । ଏଣୁ ଏହି କିସମ ପରିବର୍ତ୍ତନରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ ଇସ୍ତାହାର ଜାରି ହେବାର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କୋର୍ଟ ଫି ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯୋଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

### ତ ଫ ସି ଲ

ମୌଜାର ନାମ- ହେମଚନ୍ଦ୍ରପୁର ଥାନାର ନାମ :-ବାରିପଦା ନଂ:- ୧୩୭

| ଖାତା ନଂ | ପ୍ଲଟ ନଂ | ରକବା (ଏକରରେ) | ବର୍ତ୍ତମାନର କିସମ | ଆବଶ୍ୟକ ପରିବର୍ତ୍ତନ |
|---|---|---|---|---|
| ୧୦୭ (ଅନାବାଦୀ) | ୯୮/୧୨୩୮/୧ | ଏ. ୦.୪୫ | ଘରବାରି | କିସମ- ପତିତ |
| ମୋଟ | | ଏ ୦. ୪୫ | | |

ଏହାର ଏକକିତା ନକଲ ହେମଚନ୍ଦ୍ରପୁର ମୌଜାରେ ଡେଙ୍ଗୁରା ଦ୍ୱାରା ଜାରି କରିବାକୁ ପଠାଗଲା । ଏହାର ଏକକିତା ନକଲ ମ୍ୟୁନିସିପାଲଟି ଅଫିସ,ବାରିପଦା /ରାଜସ୍ୱ ନିରୀକ୍ଷକ,ବାରିପଦା-୩ ଙ୍କ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ପଠାଗଲା । ସେମାନଙ୍କ ମତାମତ ଯଦିଥାଏ, ତେବେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପଠାଇବାକୁ ଅନୁରୋଧ ।

ଏହାର ଏକକିତା ନକଲ ବାରିପଦା ତହସିଲ ଅଫିସ ନୋଟିସବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ ବାରିପଦା ଙ୍କ ଅବଗତି ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି କରାଗଲା ।

ତହସିଲଦାର, ବାରିପଦା
TAHASILDAR
BARIPADA